## ସଂକ୍ଷେପରେ

### ୧୨ ଫୁଟ୍‌ର ଅହିରାଜ ଉଦ୍ଧାର



ଭଞ୍ଜନଗର,୧୧।୪(ଡି.ଏନ.ଏ):ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ଅନ୍ତର୍ଗତ କଣ୍ଟେଇପଲ୍ଲୀରୁ ସୋମବାର ୧୨ ଫୁଟ ଲମ୍ବର ଏକ ଅହିରାଜକୁ ବନ କର୍ମଚାରୀ ଉଦ୍ଧାର କରି ଜଙ୍ଗଲରେ ଛାଡ଼ି ଦେଇଛନ୍ତି। ସାପଟି କଣ୍ଟେଇପଲ୍ଲୀ ପୋଖରୀ ନିକଟ ଏକ ଗଛରେ ଗୁଡ଼ାଇ ହୋଇଥିଲା। ସମ୍ପୃକ୍ତ ଅଞ୍ଚଳବାସୀ ଏହା ଦେଖିବା ପରେ କେନ୍ଦ୍ରୀୟ ବନାଞ୍ଚଳ ଅଧିକାରୀ କୁମର ବେହେରାଙ୍କୁ ଖବର ଦେଇଥିଲେ । ବନ କର୍ମଚାରୀ ପହଞ୍ଚି ସାପଟିକୁ ଉଦ୍ଧାର କରିଥିଲେ।

### ମଥୁରାରେ ସ୍ୱଚ୍ଛ ଭାରତ ଅଭିଯାନ

ପୋଲସରା,୧୧।୪(ଡି.ଏନ.ଏ.): ପୋଲସରା ବ୍ଲକ୍ ଅନ୍ତର୍ଗତ ମଥୁରା ଗ୍ରାମପଞ୍ଚାୟତର ଦେଉଳ ବନ୍ଧରେ ସ୍ୱଚ୍ଛ ଭାରତ ଅଭିଯାନ ଓ ସ୍ୱଚ୍ଛତା ପାଠ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ପୋଲସରା ବିଡିଓ ସୁରଞ୍ଜନ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ ବିକ୍ରମ କୁମାର ନାୟକ, ସମିତିସଭ୍ୟା ମିନତି ପାତ୍ର, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ କୁମାର ଗୌଡ, ଜିଆର୍‌ଏସ୍ ସୁଶାନ୍ତ ଦାସ, ଆଇନଜୀବୀ ପବିତ୍ର କୁମାର ନାୟକ, ପ୍ରଭାତ ସାସମଲ, ପ୍ରମୋଦ ପାତ୍ର, ଅରୁଣ ବେହେରା, ମଙ୍ଗୁଲୁ ସାହୁ, ସଞ୍ଜୟ ଗୌଡ ପ୍ରମୁଖ ଯୋଗଦେଇଥିଲେ। ବିଡିଓ ସାହୁ ଉପସ୍ଥିତ ଜନସାଧାରଣଙ୍କୁ ମଥୁରା ପଞ୍ଚାୟତର ସମସ୍ତ ପୋଖରୀ, ରାସ୍ତାଘାଟ ଓ ଘରପାଖ ପରିବେଶକୁ ସଫା ରଖିବାକୁ ପରାମର୍ଶ ଦେଇଥିଲେ।

### ଦଣ୍ଡନାଚ ବେଳେ ଘରୁ ଚୋରି

ଭଞ୍ଜନଗର,୧୧।୪(ଡି.ଏନ.ଏ) ଗାଲେରି ଫାଣ୍ଡି ଅନ୍ତର୍ଗତ ବିଲୁଆପଡ଼ା ଗ୍ରାମରେ ରବିବାର ରାତିରେ ଦଣ୍ଡନାଚ ଚାଲିଥିବା ବେଳେ ଟୁନା ଗୌଡ଼ଙ୍କ ଘରୁ ଚୋରି ହୋଇଛି। ଚୋରମାନେ ବାରିପଟ କବାଟ ଭାଙ୍ଗି ଘରେ ପଶିବା ସହ ଆଲମିରାରେ ଥିବା ସୁନା ଅଳଙ୍କାର ଓ ଟଙ୍କା ଚୋରାଇ ନେଇଥିଲେ। ନାଟକ ସରିବା ପରେ ଟୁନା ଘରକୁ ଫେରିବାରେ ଚୋରି ହୋଇଥିବା ଜାଣିଥିଲେ। ସେହିପରି ସ୍ଥାନୀୟ ବାଇପାସ ରୋଡ଼ରେ ମଧ ୩ଦିନ ପୂର୍ବେ ଲୁଟ୍ ହୋଇଛି। ଜଣେ ମହିଳା ତୁଡୁଆ ମନ୍ଦିରରୁ ଦଣ୍ଡନାଚ ଦେଖି ରାତିରେ ବାଇପାସ୍ ରାସ୍ତାରେ ଫେରୁଥିବା ବେଳେ ଦୁର୍ବୃତ୍ତ ତାଙ୍କ ସୁନା ଚେନ୍ ଓ ମୋବାଇଲ ଫୋନ୍ ଲୁଟି ନେଇଥିଲେ । ଏ ନେଇ ଭଞ୍ଜନଗର ଥାନାରେ ଏକ ମାମଲା ରୁଜୁ ହୋଇଛି । ପୋଲିସ ଅଭିଯୁକ୍ତଙ୍କୁ କାବୁ କରିପାରିନାହିଁ।

### ବିଶ୍ୱହିନ୍ଦୁ ପରିଷଦ, ବଜରଙ୍ଗ ଦଳର ବାଇକ୍ ଶୋଭାଯାତ୍ରା

ପାରଳାଖେମୁଣ୍ଡି,୧୧।୪(ଡି.ଏନ୍.ଏ.): ପାରଳାଖେମୁଣ୍ଡିରେ ଶ୍ରୀରାମ ନବମୀରେ ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ତରଫରୁ ମୋଟର ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଶୋଭାଯାତ୍ରାରେ ସ୍ଥାନୀୟ ସଂସ୍କୃତି ଭବନ ଠାରୁ ସହର ପରିକ୍ରମା କରିଥିଲା। କାର୍ଯ୍ୟକ୍ରମରେ ବଜରଙ୍ଗ ଦଳର ଜିଲା ସଂଯୋଜକ ଗୌତମ କୁମାର ପାଢ଼ୀ, ସହ ସଂଯୋଜକ ସତ୍ୟ ନାରାୟଣ କାର୍ଜୀ, ବଜରଙ୍ଗ ଦଳର ନଗର ମୁଖ୍ୟ ସୌମ୍ୟରଞ୍ଜନ ଆଚାର୍ଯ୍ୟ, ବିଶ୍ୱହିନ୍ଦୁ ପରିଷଦର ନଗର ସଭାପତି କୈଳାଶ ପଟ୍ଟନାୟକ, ନଗର ସମ୍ପାଦକ ମନୋଜ ଦାସ, ଜିଲା ସହସମ୍ପାଦକ ଲୋକନାଥ ମିଶ୍ର, କୋଷାଧକ୍ଷ ହରିମୋହନ ପଟନାୟକ ପ୍ରମୁଖ ସାମିଲ ଥିଲେ।

### ବ୍ଲକସ୍ତରୀୟ ସ୍ୱାସ୍ଥ୍ୟମେଳା ପ୍ରସ୍ତୁତି ବୈଠକ

କାଶୀନଗର,୧୧।୪:କାଶୀନଗରଠାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ଆସନ୍ତା ୨୧ରେ ବ୍ଲକସ୍ତରୀୟ ସ୍ୱାସ୍ଥ୍ୟମେଳା ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହେବ। ମେଳାରେ ବହୁ ସଂଖ୍ୟାରେ ଯୋଗଦେବା ନେଇ ଆଲୋଚନା ହୋଇଥିଲା। ବ୍ଲକ ଅଧକ୍ଷା ବାଲା ସାଇଆମ୍ମା, ବିଡିଓ ଡ. ଲକ୍ଷ୍ମୀ ପ୍ରସାଦ ସାହୁ, ସିଡିପିଓ କନକ ଲତା ପୂଜାରୀ, ବ୍ଲକ ଶିକ୍ଷାଧିକାରୀ ଆଦିକନ୍ଦ ଗମାଙ୍ଗ ପ୍ରମୁଖ ଯୋଗ ଦେଇଥିଲେ। ବିପିଇଓ ମେଳାର ଉଦ୍ଦେଶ୍ୟ ବୁଝାଇଥିଲେ। ମେଡିକାଲ ଅଫିସର ଡା. ପାର୍ଥ ସାରଥୀ ବେହେରା ବୈଠକରେ ଅଧକ୍ଷତା କରିଥିଲେ। ପୋଲିସ, ଏନ୍‌ଏସି କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଡାକ୍ତରଙ୍କ ବଦଳି ନେଇ ଅସନ୍ତୋଷ, ନିଯୁକ୍ତି ନ ହେଲେ ଆନ୍ଦୋଳନ

ପାରଳାଖେମୁଣ୍ଡି,୧୧।୪(ଡି.ଏନ୍.ଏ.)

ରାୟଗଡ଼ ବ୍ଲକ ସଦର ମହକୁମାସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଶିଶୁରୋଗ ବିଶେଷଜ୍ଞ ଡ. ୟୁ. ଗିରିଜା ପତିଙ୍କ ବଦଳି ନେଇ ଜନଅସନ୍ତୋଷ ଦେଖାଦେଇଛି । ତୁରନ୍ତ ଏହାର ସ୍ଥାୟୀ ସମାଧାନ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି। ଆଦିବାସୀ ଅଧୁଷିତ ଅଞ୍ଚଳ ରାୟଗଡ଼ ବ୍ଲକ ଅଧୀନରେ ୨୧ଟି ପଞ୍ଚାୟତ ରହିଛି । ପ୍ରାୟତଃ ସବୁ ପଞ୍ଚାୟତର ଲୋକେ ରାୟଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭରଶୀଳ ହୋଇଥିବା ବେଳେ ୧୯୩୧ରେ ରାୟଗଡ଼ରେ ପ୍ରଥମେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଆରମ୍ଭ ହୋଇଥିଲା। ପରେ ତାହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ ହୋଇଛି। ସ୍ୱାସ୍ଥ୍ୟକେନ୍ଦ୍ରକୁ ଇତିମଧ୍ୟରେ ୯୧ ବର୍ଷ ବିତିଯାଇଥିବା ବେଳେ ଏହା ଅଧୀନରେ କଇଁପୁର, ଜିରାଙ୍ଗ ଏବଂ ଲୋବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ଏହାର ପରିଚାଳନା ପାଇଁ ଜଣେ ଅଭିଜ୍ଞ ସ୍ପେଶାଲିଷ୍ଟ ଆବଶ୍ୟକ ଥିବାବେଳେ ଦୀର୍ଘବର୍ଷ ଧରି କୌଣସି ବିଶେଷଜ୍ଞ ଡାକ୍ତର ନିୟୋଜିତ ହୋଇ ନ ଥିଲେ । ୨୦୧୯ରେ ଶିଶୁରୋଗ ବିଶେଷଜ୍ଞ ଭାବେ ଡ. ଗିରିଜା ପତି ଯୋଗଦେଇଥିଲେ । ସେ ଯୋଗଦେବା ପରଠାରୁ ପଡ଼ୋଶୀ ଆନ୍ଧ୍ରପ୍ରଦେଶ, ରାୟଗଡ଼ା, ନୂଆଗଡ଼ ଓ ଆର ଉଦୟଗିରି ଆଦି ବିଭିନ୍ନ ସ୍ଥାନରୁ ଦୈନିକ ପ୍ରାୟ ୫୦ରୁ ୬୦ ଶିଶୁରୋଗୀ ରାୟଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ନିମନ୍ତେ ଆସୁଥିବା ବେଳେ ବର୍ତ୍ତମାନ ସେଠାରୁ ଡ. ପତିଙ୍କ ବଦଳିକୁ ଅଞ୍ଚଳବାସୀ ସହଜରେ ଗ୍ରହଣ କରିପାରୁନାହାନ୍ତି । ସିଡିଏମ୍‌ଓଙ୍କୁ ମିଶାଇ ଜିଲାରେ ୪ ଜଣ ଶିଶୁ ବିଶେଷଜ୍ଞ ଥିବାବେଳେ ଡାକ୍ତରଙ୍କୁ କେଉଁ ଉଦ୍ଦେଶ୍ୟ ରଖି ପୁଣି ଜିଲା ସଦର ମହକୁମାକୁ ନିଆଯାଇଛି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ରାୟଗଡ଼ ବ୍ଲକଟି ଆଦିବାସୀ ଅଞ୍ଚଳ ହୋଇଥିବାରୁ ଏଠାରେ ପ୍ରତିଦିନ ଶତାଧିକ ଶିଶୁରୋଗୀ ଚିକିତ୍ସିତ ହେଉଥିବା ବେଳେ ତାଙ୍କ ବଦଳିକୁ ନେଇ ଅସନ୍ତୋଷ ଦେଖାଦେଇଛି । ତୁରନ୍ତ ତାଙ୍କ ବଦଳି ବାତିଲ କରିବାକୁ ସାଧାରଣରେ ଦାବି ହେଉଛି । ନଚେତ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବୁ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି। ଏ ନେଇ ସିଡିଏମ୍‌ଓ ଡ. ପ୍ରଦୀପ କୁମାର ପାତ୍ରଙ୍କ ସହ ଯୋଗାଯୋଗ କରାଯିବାରୁ ତାଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁ ପାରଳାଖେମୁଣ୍ଡି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଛି। ସେଠାରେ ତୁରନ୍ତ ଆଉ ଜଣେ ସ୍ପେଶାଲିଷ୍ଟ ଦିଆଯିବ ବୋଲି ସେ କହିଛନ୍ତି ।

# ଶରଧାପୁରରେ ପାଇଖାନା ନିର୍ମାଣରେ ଦୁର୍ନୀତି ଅଭିଯୋଗ

ପାତ୍ରପୁର,୧୧।୪(ଡି.ଏନ୍.ଏ.)

ପାତ୍ରପୁର ବ୍ଲକ ବି. ନୂଆଗାଁ ଗ୍ରାମପଞ୍ଚାୟତ ଅନ୍ତର୍ଗତ ସି. ଶରଧାପୁର ଗ୍ରାମରେ ପାଇଖାନା ନିର୍ମାଣରେ ଦୁର୍ନୀତି ହୋଇଥିବା ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପାଇଖାନା ନିର୍ମାଣ ପାଇଁ ଗାଁରେ ଥିବା ଏକ ମହିଳା ଏସ୍‌ଏଚ୍‌ଜିକୁ ଜନୈକ ବ୍ୟକ୍ତି ଶହ ଶହ ସରକାରୀ ପାଇଖାନା ନିର୍ମାଣ ଦେଖାଇ ବିଲ୍ ହରିଲୁଟ କରିଥିବା ସୋମବାର ଅଭିଯୋଗ କରିଛନ୍ତି। ଏ ନେଇ ଗ୍ରାମବାସୀ ଜରଡ଼ା ଥାନାରେ ଏତଲା ଦେବା ସହ ପାତ୍ରପୁର ବିଡିଓଙ୍କୁ ଭେଟି ଅଭିଯୋଗ କରିଛନ୍ତି। ସୂଚନା ପ୍ରକାରେ, ସି. ଶରଧାପୁର ଗ୍ରାମରେ ବିଗତ ଦିନରେ ପ୍ରାୟ ୮୦ରୁ ଊର୍ଦ୍ଧ୍ୱ ପାଇଖାନା ଲାଗି ପାତ୍ରପୁର ବ୍ଲକ ଗ୍ରାମ୍ୟ ଜଳଯୋଗାଣ ବିଭାଗ ପକ୍ଷରୁ ମଞ୍ଜୁର କରାଯାଇଥିଲା । କିନ୍ତୁ କେତୋଟି ନିମ୍ନମାନର ପାଇଖାନା ନିର୍ମାଣ କରି ବଳକା ପାଇଖାନା ନିର୍ମାଣ ଅର୍ଥ ହରିଲୁଟ୍ ହୋଇଥିବା ଗ୍ରାମର ୧୦୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଜରଡ଼ା ଥାନାରେ ଅଭିଯୋଗ କରିଥିଲେ । ବିଡିଓ ପ୍ରକାଶ ଚନ୍ଦ୍ର ଦାସ ଅଭିଯୋଗକାରୀଙ୍କୁ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନର ଆଶ୍ୱାସନା ଦେବା ସହିତ ସଂଶ୍ଳିଷ୍ଟ ଯନ୍ତ୍ରୀ ଓ କର୍ମଚାରୀଙ୍କ ସହ ଘଟଣା ସମ୍ପର୍କରେ ଆଲୋଚନା କରି ଦୃଷ୍ଟାନ୍ତମୂଳକ ପଦକ୍ଷେପର ପ୍ରତିଶ୍ରୁତି ପ୍ରଦାନ କରିଥିଲେ ।

# ଦିବ୍ୟାଙ୍ଗଙ୍କ ଅଭିଯୋଗ ଶୁଣାଣି



ଜିଲାପାଳ ଅଭିଯୋଗ ଶୁଣାଣି କରୁଛନ୍ତି ।

ଛତ୍ରପୁର,୧୧।୪(ଡି.ଏନ୍.ଏ.)

ଦିବ୍ୟାଙ୍ଗମାନଙ୍କ ଅଭିଯୋଗ ଶୁଣିବା ଓ ସେମାନଙ୍କ ସମସ୍ୟା ସମାଧାନ ପାଇଁ ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ପ୍ରତି ସୋମବାର 'ଦିବ୍ୟାଙ୍ଗଜନ ସମାଧାନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏଥିନିମନ୍ତେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଜଉଗଡ ସମ୍ମିଳନୀ କକ୍ଷଠାରେ ପ୍ରଥମେ ଦିବ୍ୟାଙ୍ଗମାନଙ୍କର ଅଭିଯୋଗ ଶୁଣାଣି ହୋଇଛି। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଏଥିରେ ଅଧ୍ୟକ୍ଷତା କରି ଅଭିଯୋଗ ପାଇଁ ଆସିଥିବା ସମସ୍ତ ଦିବ୍ୟାଙ୍ଗଙ୍କର ସମସ୍ୟା ଶୁଣିଥିଲେ । ସମସ୍ୟାଗୁଡ଼ିକର ତୁରନ୍ତ ସମାଧାନ କରିବା ନିମନ୍ତେ ଜିଲାପାଳ ସଂପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଦିବ୍ୟାଙ୍ଗମାନେ ଯେପରି ସହଜରେ ଭତ୍ତା, ସ୍କଲାରସିପ, ବିଦ୍ୟାଙ୍ଗ ପ୍ରମାଣପତ୍ର ଓ ଅନ୍ୟାନ୍ୟ ସରକାରୀ ସହାୟତା ପାଇପାରିବେ ସେଥିପ୍ରତି ଦୃଷ୍ଟି ଦେବାକୁ କହିଥିଲେ। କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ଅଞ୍ଚଳରୁ ମୋଟ ୪୦୭ ଜଣଙ୍କ ଆବେଦନ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ପେନସନ ବାବଦକୁ ୧୩୮, ସ୍ୱାସ୍ଥ୍ୟଗତ ୪ଟି , ପ୍ରମାଣ ପତ୍ର ବାବଦକୁ ୭୭, ଜୀବନଜୀବୀକା ବାବଦକୁ ୧୨ଟି, ଡି. ଆର୍. ଆଇ. ଋଣ ବାବଦକୁ ୫୪ଟି, ଶିକ୍ଷା ସମ୍ପର୍କିତ ୩ଟି, ଟି ଜି ଇସ୍ୟୁ ୪ଟି, ପିଡିଏସ ବାବଦ ୫୫, ଉପକରଣ ବାବଦ ୧୧୬, ଅନ୍ୟାନ୍ୟ ସମସ୍ୟାକୁ ନେଇ ୧୭ ଟି ଆବେଦନ ଗ୍ରହଣ କରାଯାଇଥିଲା। ସେଥିରୁ ୪୬ ଜଣଙ୍କୁ ଉପକରଣ ବଣ୍ଟନ, ୩ ଜଣଙ୍କୁ ପେନସନ ପ୍ରଦାନ କରାଯାଇଥିବା ବେଳେ ୮୬ଟି ଆବେଦନର ଫଇସଲା ହୋଇଛି । ଆଗାମୀ ଦିନରେ ଅବଶିଷ୍ଟ ଆବେଦନର ଫଇସଲା ହେବ ବୋଲି ସୂଚନା ମିଳିଛି। କାର୍ଯ୍ୟକ୍ରମରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ସିନ୍ଦେ ଦତ୍ତାତ୍ରେୟ ଭାଉସାହେବ, ସହରାଞ୍ଚଳ ଉନ୍ନୟନ ସଂସ୍ଥା (ଡୁଡା)ର ପ୍ରକଳ୍ପ ନିର୍ଦ୍ଦେଶକ ସଚ୍ଚିଦାନନ୍ଦ ନାୟକ, ଅତିରିକ୍ତ ଜିଲାପାଳ ଲୀନା କୁମାରୀ ଖେସ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଉମାକାନ୍ତ ମିଶ୍ର, ଜିଲା ସମାଜ ମଙ୍ଗଳ ଅଧିକାରୀ ସୁରେଖା ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ମାଣିତରାରେ ପଞ୍ଚୁଦଣ୍ଡ ମହାମିଳନ

ବୁଗୁଡ଼ା,୧୧।୪(ଡି.ଏନ.ଏ.)

ବୁଗୁଡ଼ା ବ୍ଲକ ଅନ୍ତର୍ଗତ ମାଣିତରା ଗ୍ରାମର ବଡଦାଣ୍ଡରେ ପଞ୍ଚୁଦଣ୍ଡ ମହାମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୋଛାବାଡି, କାନନକୁଟିର, ଛାମୁଣ୍ଡା, ରାଉତି ଓ କାଦୁଆ ଆଦି ଗ୍ରାମର ଦଣ୍ଡ ଦଳ ଅଂଶଗ୍ରହଣ କରିଥିଲେ। ମାଣିତରା ଗ୍ରାମବାସୀଙ୍କ ସହଯୋଗରେ ଉକ୍ତ ଦଣ୍ଡଯାତ୍ରା ଆୟୋଜିତ ହୋଇଥିଲା ବେଳେ ଗ୍ରାମବାସୀମାନେ ସକାଳୁ ଫୁଲ ଚନ୍ଦନ ଦେଇ ଦଣ୍ଡ ଭୋକ୍ତାମାନଙ୍କୁ ସ୍ୱାଗତ କରିଥିଲେ। ମଧାହ୍ନରେ ଧୂଳି ଦଣ୍ଡ, ଅପରାହ୍ନରେ ପାଣି ଦଣ୍ଡ ପରେ ପଞ୍ଚା ରୁଦ୍ରକାଳୀ, ପଞ୍ଚା ମହାଦେବ ସହ ଅଗ୍ନି ଦଣ୍ଡର ମହାମିଳନରେ ଅଞ୍ଚଳ ମୁଖରିତ ହୋଇଥିଲା। ସନ୍ଧ୍ୟାରେ ଆଳତୀ, ରାତ୍ର ଅଗ୍ନିଦଣ୍ଡ, ପରଭା ନାଚ, ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କରୋନା ପାଇଁ ଦୁଇ ବର୍ଷ ହେଲା ଦଣ୍ଡଯାତ୍ରା ଫିକା ପଡିଥିଲା ବେଳେ ଚଳିତ ବର୍ଷ ସେପରି କଟକଣା ନଥିବା ସହ ଏହା ବୁଗୁଡ଼ା ଅଞ୍ଚଳର ପ୍ରଥମ ପଞ୍ଚୁଦଣ୍ଡ ମହାମିଳନ ହୋଇଥିବାରୁ ଏହାକୁ ଦେଖିବାକୁ ସହସ୍ର ଶ୍ରଦ୍ଧାଳୁଙ୍କ ସମାବେଶ ହୋଇଥିଲା।



ପଞ୍ଚୁଦଣ୍ଡ ମହାମିଳନ।

# ପ୍ରସୂତିଙ୍କ ପାଇଁ ସରକାରୀ ଖାଦ୍ୟ ନିମ୍ନମାନର ଅଭିଯୋଗ

ଗଞ୍ଜାମ,୧୧।୪(ଡି.ଏନ.ଏ.)

ଗଞ୍ଜାମ ବ୍ଲକ ଏନ୍‌ଏସି ଅଞ୍ଚଳରେ ଗର୍ଭବତୀ ଓ ପ୍ରସୂତିମାନଙ୍କ ପାଇଁ ଅତ୍ୟନ୍ତ ନିମ୍ନମାନର ଖାଦ୍ୟ ଯୋଗାଣ ହେଉଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ସାଧାରଣରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ବ୍ଲକ ସିଡିପିଓଙ୍କୁ ଅଭିଯୋଗ କରାଯାଇଛି। ସୂଚନାଯୋଗ୍ୟ, ମା' ରାମଚଣ୍ଡୀ ଆତ୍ମ ସହାୟକ ସଂଘ ପକ୍ଷରୁ ପ୍ରସ୍ତୁତ ହେଉଥିବା ଗର୍ଭବତୀ ଓ ପ୍ରସୂତିମାନଙ୍କ ପାଇଁ ବାଦାମ ଲଡୁ ନାମକ ଏକ ଖାଦ୍ୟ ସାମଗ୍ରୀ ଅତ୍ୟନ୍ତ ନିମ୍ନମାନର ହୋଇଛି; ଯାହା କି ଖାଇବା ଉପଯୋଗୀ ନୁହେଁ। କାରଣ ଏଥିପାଇଁ ବ୍ୟବହୃତ ହେଉଥିବା ସାମଗ୍ରୀ ପୁଷ୍ଟିସାର ଖାଦ୍ୟ ପରିବର୍ତ୍ତେ ଅପୁଷ୍ଟିକର ହେଉଛି। ଓଡ଼ିଶା ସରକାରଙ୍କ ପକ୍ଷରୁ ଗର୍ଭବତୀ ଓ ପ୍ରସୂତିମାନଙ୍କ ଘରକୁ ସୁଷମ ଖାଦ୍ୟ ଯୋଗାଇବା ପାଇଁ ବ୍ୟାପକ ଅର୍ଥ ବ୍ୟବସ୍ଥା କରାଯାଉଥିବା ବେଳେ ଖାଦ୍ୟ ଯୋଗାଉଥିବା ସଂସ୍ଥା ଏହାର ବ୍ୟତିକ୍ରମ କରୁଛି। ଫଳରେ ଏହାର କୁପ୍ରଭାବ ମା' ଓ ଶିଶୁ ଉପରେ ପଡୁଛି। ତେଣୁ ଜିଲା ପ୍ରଶାସନ ଏହାକୁ ଦୃଷ୍ଟିଦେଇ ଠିକ ଭାବେ ଖାଦ୍ୟ ଉପଯୋଗୀ ଜିନିଷ ଯୋଗାଇବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

# ୧୦ କୋଟି ବ୍ୟୟରେ ଚାଲିଛି ମେଡିକାଲ ନିର୍ମାଣ

## ଉପାନ୍ତ ଅଞ୍ଚଳକୁ କରୁଣା ଟ୍ରଷ୍ଟର ଉପହାର

ପୋଲସରା,୧୧।୪(ଡି.ଏନ.ଏ.)

ପୋଲସରା ବ୍ଲକ ପାଣ୍ଡିରିପଡ଼ା ଉପ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଆଉ ଏକ ସ୍ୱାସ୍ଥ୍ୟକେନ୍ଦ୍ରର ନିର୍ମାଣ ଚାଲିଛି; ଯାହାର ବ୍ୟୟ ଅଟକଳ ପ୍ରାୟ ୮ରୁ ୧୦ କୋଟି ଟଙ୍କା। ଗଞ୍ଜାମ ଜିଲାର ପୋଲସରା, କୋଦଳା ଓ ଖୋର୍ଦ୍ଧା ଜିଲାର ବାଣପୁର ସୀମାନ୍ତ ଅଞ୍ଚଳ ତଥା ଆଦିବାସୀ ଅଧୁଷିତ ପରିବେଷ୍ଟିତ ଏହି ଅଞ୍ଚଳ ସ୍ୱାସ୍ଥ୍ୟ ସେବାରେ କରୁଣା ଟ୍ରଷ୍ଟ ତରଫରୁ ଏକ ଉପହାର ପାଇଛି। ପ୍ରଥମ ପର୍ଯ୍ୟାୟରେ ଏହା କୋଭିଡ୍ ରୋଗୀ ପାଇଁ କାର୍ଯ୍ୟକ୍ଷମ ହେବ। ପର୍ଯ୍ୟାୟ କ୍ରମେ ତାହା ଦାନ୍ତ ଓ ଆଖି ନିମନ୍ତେ ଉନ୍ନତମାନର ଚିକିତ୍ସା ଯୋଗାଇବ। କୋଭିଡ୍ ରୋଗୀଙ୍କ ନିମନ୍ତେ ୧୪ ଜେନେରାଲ ଆଇସିୟୁ ଓ ଏମର୍ଜେନ୍ସି ନିମନ୍ତେ ୬ଟି ଆଇସିୟୁ ଏହିପରି ମୋଟ ୨୦ଟି ଆଇସିୟୁର ସୁବିଧା ରହିବ। ଏହା ସହିତ ଏକ୍ସ-ରେ ରୁମ୍ , ନର୍ସିଂ ଷ୍ଟେଶନ, ପରୀକ୍ଷାଗାର ପ୍ରମୁଖ ଆନୁଷଙ୍ଗିକ ବ୍ୟବସ୍ଥା ରହିବ। ସବୁ ବର୍ଗର ଲୋକଙ୍କ ନିମନ୍ତେ ମାଗଣା ପରୀକ୍ଷା ଓ ଚିକିତ୍ସା ସୁବିଧା ଉପଲବ୍ଧ ହେବ। ପ୍ରାୟ ଆଠ ହଜାର ବର୍ଗଫୁଟ ପରିମିତ ଅଞ୍ଚଳରେ ଏହି କୋଠା ଫେବ୍ରିକେଟେଡ୍‌ରେ ନିର୍ମାଣ ହେବ ଓ ସମ୍ପୂର୍ଣ୍ଣ ସୌରଚାଳିତ ହେବ। ଚଳିତବର୍ଷ ମେ ମାସ ୧୫ ତାରିଖ ସୁଦ୍ଧା ଏହା କାର୍ଯ୍ୟକ୍ଷମ ହେବା ଲକ୍ଷ୍ୟ ରଖାଯାଇଛି। ଉକ୍ତ ମେଡିକାଲ ତିଆରି କରିବା ପଛରେ କରୁଣା ଟ୍ରଷ୍ଟର କାର୍ଯ୍ୟକର୍ତ୍ତାମାନଙ୍କ ସହ ପାଣ୍ଡିରିପଡ଼ା ଉପସ୍ୱାସ୍ଥ୍ୟ କେନ୍ଦ୍ରର କାର୍ଯ୍ୟରତ ଫାର୍ମାସିଷ୍ଟ ଗଣେଶ ଚନ୍ଦ୍ର ନାୟକଙ୍କ ସମ୍ପୂର୍ଣ୍ଣ ଉଦ୍ୟମ ରହିଛି। ଏଥିସହିତ ସ୍ଥାନୀୟ ସାମାଜିକ କର୍ମୀ ପୀତବାସ ପ୍ରଧାନଙ୍କ ସହଯୋଗରେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁଙ୍କ ଜରିଆରେ ଜିଲାପାଳଙ୍କ ନିକଟରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଏହି ପ୍ରକଳ୍ପ ନିମନ୍ତେ ସମ୍ପୂର୍ଣ୍ଣ ସହଯୋଗ କରିଛନ୍ତି। ସ୍ଥାନୀୟ ସରପଞ୍ଚ ରଘୁନାଥ ଭୁୟାଁ ଏହି ପ୍ରକଳ୍ପକୁ ନେଇ ବେଶ୍ ଖୁସି ଅଛନ୍ତି।

### ଗଞ୍ଜେଇ ଜବତ, ଜଣେ ଗିରଫ

ଫୁଲବାଣୀ ଅଫିସ, ୧୧।୪

ଫୁଲବାଣୀ ଅବକାରୀ କର୍ମଚାରୀମାନେ ଏଫସିଆଇ ଛକ ନିକଟରେ ଚଢ଼ାଉ କରି ଏକ କାରରୁ ୩୪ କେଜି ୪୦୦ ଗ୍ରାମ ଗଞ୍ଜେଇ ଜବତ କରିଛନ୍ତି। ଏହି ଘଟଣାରେ ଜଣଙ୍କୁ ଗିରଫ କରାଯାଇଛି। ସେ ହେଲେ ପୁରୀ ଜିଲା ବଳଙ୍ଗା ଥାନା ଗୁପାଦେଇପୁର ଗ୍ରାମର ସୁରେନ୍ଦ୍ର ରାଉତ । ଏକ କାର ଯୋଗେ ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ ଅବକାରୀ ଇନ୍‌ସପେକ୍ଟର ଶ୍ରୀଧର ହେମ୍ବ୍ରମ ଏଫସିଆଇ ଛକରେ ଚଢ଼ାଉ କରିଥିଲେ। ଏ ନେଇ ୨/୨୨ ରେ ଏକ ମାମଲା ରୁଜୁ ହୋଇଛି।

### ଶିକ୍ଷା ସଚେତନତା ରଥ ପରିକ୍ରମା

ଆସିକା,୧୧।୪(ଡି.ଏନ.ଏ)

ଆସିକା ବ୍ଲକ ଓ ଏନ୍‌ଏସି ଇଲାକାରେ ଶିକ୍ଷା ସଚେତନତା ରଥ ପରିକ୍ରମା ଆରମ୍ଭ ହୋଇଛି। କରୋନା ଲାଗି ଗତ ୨ ବର୍ଷହେଲା ଛାତ୍ରୀଛାତ୍ର ବିଦ୍ୟାଳୟକୁ ଯିବା ବନ୍ଦ ହୋଇଯାଇଥିଲା। କରୋନା କମିଥିବାରୁ ଏବେ ବିଦ୍ୟାଳୟମୁହାଁ କରିବା ନିମନ୍ତେ ଶିକ୍ଷା ବିଭାଗ ପକ୍ଷରୁ ଏପରି ପଦକ୍ଷେପ ନିଆଯାଇଛି। ସୋମବାର ସକାଳେ ଆସିକା ଏନ୍‌ଏସିର ହରିହର ହାଇସ୍କୁଲ ପରିସରରେ ଶିକ୍ଷା ସଚେତନତା ରଥକୁ ଗୋଷ୍ଠି ଶିକ୍ଷାଧିକାରୀ ଭାସ୍କର ଲେଙ୍କା ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ୨ଟି ରଥ ବ୍ଲକ ଓ ଏନଏସି ଇଲାକାର ସମସ୍ତ ହାଇସ୍କୁଲ ଓ ପ୍ରାଥମିକ ବିଦ୍ୟାଳୟକୁ ଯାଇ ଗ୍ରାମାଞ୍ଚଳରେ ସଚେତନତା ସୃଷ୍ଟି ନେଇ ଉଦ୍ୟମ କରାଯାଇଛି

# ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ




ଅଧକ୍ଷ ଡ.ସୁବାସ ଚନ୍ଦ୍ର ପ୍ରଧାନ ଉଦ୍‌ବୋଧନ ଦେଉଛନ୍ତି ।

ଭଞ୍ଜନଗର,୧୧।୪(ଡି.ଏନ୍.ଏ.)

ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ସୋମବାର ଉଦ୍‌ଘାଟିତ ହୋଇଛି। ୭ ଦିନ ଧରି ଚାଲିବାକୁ ଏହି ଶିବିରକୁ ଅଧକ୍ଷ ଡ.ସୁବାସ ଚନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପ୍ରାଧ୍ୟାପକ ଡ଼.ପିତବାସ ପାଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସଂଯୋଜିକା ଅଧାପିକା ତୃପ୍ତିମୟୀ ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ସଂଯୋଜକ ଡ଼.ରବିନ୍ଦ୍ର କୁମାର ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ। ସେହିଭଳି ଗୋବରା ପ୍ରଫୁଲ୍ଲ କୁମାରୀ ମହିଳା ମହାବିଦ୍ୟାଳୟରେ ଚାଲିଥିବା ଆତ୍ମରକ୍ଷା ତାଲିମ ଶିବିର ୫ ଦିନ ହେଲା ଚାଲିଛି। ଅଧକ୍ଷା ମାମା ପରିଡ଼ା ଶିବିରକୁ ଉଦ୍‌ଘାଟନ କରିଥିଲେ। ଅଧାପକ ସନ୍ତୋଷ ବିଶ୍ୱାଳ,ଅଧାପିକା ଯମୁନା ଖୁଣ୍ଟିଆ, ସୁଧିରା କୁମାରୀ ମହାପାତ୍ର ଅତିଥି ଭାବେ ଯୋଗ ଦେଇଥିଲେ । ସୁନିତା ସେଠୀ, ଅର୍ଚ୍ଚନା ବିଶ୍ୱାଳ, ସୁରଭି ବେହେରା ତାଲିମ ପ୍ରଦାନ କରୁଥିବା ବେଳେ କୈଳାସ ଚନ୍ଦ୍ର ପାଢ଼ୀ ଶିବିର ସଂଯୋଜନା କରୁଛନ୍ତି ।

# ମେଗା ସ୍ୱାସ୍ଥ୍ୟ ଶିବିର ପ୍ରସ୍ତୁତି ବୈଠକ

ଆସିକା,୧୧।୪(ଡି.ଏନ.ଏ)

ଆସିକା ସହର ଉପକଣ୍ଠ ଟେକ୍ନିକାଲ ହାଇସ୍କୁଲଠାରେ ଆସନ୍ତା ୧୯ ତାରିଖରେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହେବ। ଏହାର ସୁପରିଚାଳନା ନିମନ୍ତେ ସୋମବାର ବାଲିସିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ଏକ ପ୍ରସ୍ତୁତି ବୈଠକ ହୋଇଥିଲା । ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିତ୍ସାଧିକାରୀ ଡାକ୍ତର ଏମ.ଭିକେ. ଅଶୋକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆସିକା ଏମ୍‌ପି ପ୍ରମିଳା ବିଷୋୟୀ, ବିଧାୟିକା ମଞ୍ଜୁଳା ସ୍ୱାଇଁ, ଆସିକା ବିଡିଓ ରୋସନ ଶତପଥୀ, ଏନଏସି ଅଧକ୍ଷା ବିନେତା ସ୍ୱାଇଁ, ଯୁବନେତା ନଚିକେତା ସ୍ୱାଇଁ, ବ୍ଲକ ଅଧକ୍ଷଙ୍କ ପ୍ରତିନିଧି ଶିବ ନାହାକ, ଭଗବାନ ସାହୁ, ସତ୍ୟନାରାୟଣ ସ୍ୱାଇଁ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର କାର୍ଯ୍ୟକ୍ରମ ଅଧିକାରୀ ସାଗରିକା ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଶିବିରରେ ଭେଷଜ, ସ୍ତ୍ରୀ ଓ ପ୍ରସୂତି, ଚକ୍ଷୁ, ଦନ୍ତ, କର୍କଟ ଆଦିଦୂରାରୋଗ୍ୟର ପରୀକ୍ଷା ଓ ବ୍ୟବସ୍ଥା ପତ୍ର ନିମନ୍ତେ ଜିଲ୍ଲାର ବିଶେଷଜ୍ଞମାନେ ଯୋଗଦେବା କାର୍ଯ୍ୟକ୍ରମ ରହିଛି । ତେବେ ବର୍ତ୍ତମାନ ଅନୁଭୂତ ହେଉଥିବାରୁ ଜନସାଧାରଣଙ୍କୁ ଆବଶ୍ୟକ ସୁବିଧା ପ୍ରଦାନ ଲାଗି ପୋଲିସ, ଅଗ୍ନିଶମ ଓ ଗ୍ରାମ୍ୟଜଳଯୋଗାଣ ସଂସ୍ଥାକୁ ସାମିଲ କରାଯାଇଛି।

# ଏନ୍‌ଏସି ଅଫିସରେ ଖତ ଖାଉଛି ଟିଫା ମେଶିନ



ଲଟାବୁଦା ।

ବୁଗୁଡ଼ା,୧୧।୪(ଡି.ଏନ.ଏ.)

ବୁଗୁଡ଼ା ସହରରେ ଅସହ୍ୟ ଗରମ ସାଙ୍ଗକୁ ମଶାଙ୍କ ଉପଦ୍ରବ ବଢ଼ି ଚାଲିଛି। ସହରରେ ପ୍ରବଳ ମଶା ଯୋଗୁ ଲୋକେ ମ୍ୟାଲେରିଆରେ ଆକ୍ରାନ୍ତ ହୋଇଗଲେଣି। ଦିନକୁ ଦିନ ମଶାଙ୍କ ଉପଦ୍ରବ ବଢ଼ି ଚାଲିଥିବା ବେଳେ ମଶା ମାରିବା ପାଇଁ ଏନ୍‌ଏସି ପକ୍ଷରୁ ଅଣାଯାଇଥିବା ଟିଫା ମେଶିନ ଖତ ଖାଉଛି। ଏହି ମେଶିନ ନୂଆ ନୂଆରେ ଥରେ ଦୁଇ ଥର ବ୍ୟବହାର ପରେ ୩ ବର୍ଷ ହେଲା ଆଉ ବ୍ୟବହାର ହୋଇନି। ଫଳରେ ମଶା ବଂଶ ଦିନକୁଦିନ ବୃଦ୍ଧିପାଇବାରେ ଲାଗିଛି। ସମ୍ପ୍ରତି ସହରରେ ୨ ପ୍ରକାରର ମଶା ଦେଖାଯାଉଛି। ଗୋଟିଏ ପ୍ରକାରର ମଶା ଲଟାବୁଦା ଥିବା ଜାଗାରେ ଦେଖାଯାଉଥିବା ବେଳେ ଅନ୍ୟଟି ନର୍ଦ୍ଦମା ଓ ଘରର ଶୌଚାଳୟରୁ ବାହାରୁଥିବା ଦେଖାଯାଉଛି। ଏନ୍‌ଏସିର ଅଧିକାଂଶ ଡ୍ରେନରେ କଭର ପ୍ଲେଟ୍ ନ ଥିବା ବେଳେ ମାସ ମାସ ଧରି ସେଗୁଡ଼ିକ ସଫା ନ ହେବା ଫଳରେ ମଶା ବଂଶ ବୃଦ୍ଧି ପାଉଛି। ଏଥିପ୍ରତି ଏନ୍‌ଏସି କର୍ତ୍ତୃପକ୍ଷଙ୍କ କୌଣସି ନିଘା ରହୁନାହିଁ। ସହରର ସର୍ବସାଧାରଣ ଜାଗାଗୁଡ଼ିକୁ ଏନ୍‌ଏସି ପକ୍ଷରୁ ସଫେଇ କରାଯାଉଥିଲେ ହେଁ ସହରରେ ରହିଥିବା ପ୍ରାଇଭେଟ୍ ଜାଗାଗୁଡ଼ିକ ଏବେ ଆବର୍ଜନାମୟ ହୋଇ ରହିଛି। ତେବେ ସହରବାସୀଙ୍କୁ ମଶା ଦାଉରୁ ରକ୍ଷା କରିବା ପାଇଁ ଏନ୍‌ଏସି ପକ୍ଷରୁ ନାଳ ନର୍ଦ୍ଦମା ସଫେଇ ସହ ମଶା ମରା ଟିଫା ମେଶିନର ପ୍ରୟୋଗ କରିବାକୁ ସାଧାରଣରେ ଦାବି ହେଉଛି।

# ରାସ୍ତା ନିର୍ମାଣ ଦାବିରେ ଅଟକ ୨ ବନ କର୍ମଚାରୀ ଉଦ୍ଧାର

ଆର୍.ଉଦୟଗିରି,୧୧।୪(ଡି.ଏନ୍.ଏ.)

ଆର.ଉଦୟଗିରି ବ୍ଲକ ତଇଲ ଗ୍ରାମରେ ରାସ୍ତା ନିର୍ମାଣ ଦାବି ନେଇ ୨ ଅସ୍ଥାୟୀ ବନ କର୍ମଚାରୀଙ୍କୁ ୩୬ ଘଣ୍ଟାରୁ ଅଧିକ ସମୟ ଧରି ଗ୍ରାମବାସୀ ଅଟକ ରଖିଥିଲେ। ସ୍ଥାନୀୟ ପୋଲିସ ଏବଂ ତହସିଲଦାରଙ୍କ ଦ୍ୱାରା ରବିବାର ରାତିରେ ସେମାନଙ୍କୁ ଉଦ୍ଧାର କରାଯାଇଥିଲା। ଶନିବାର ମହେନ୍ଦ୍ରଗଡ଼ ଫରେଷ୍ଟ ବିଭାଗର ଦୁଇ କର୍ମଚାରୀ ଶିବୁ ଦଳପତି ଓ ଅମିତ ସାହୁ ତଇଲ ଗାଁ ଜଙ୍ଗଲକୁ ନିଆଁ ଲିଭାଇବାକୁ ଯାଇଥିବା ସମୟରେ ମହିଳାମାନେ ଅଟକ ରଖିଥିଲେ। ତଇଲ ଗ୍ରାମ ଅତ୍ୟନ୍ତ ଦୁର୍ଗମ। ଗାଁକୁ ପକ୍କାରାସ୍ତା ନାହିଁ। ୨୦୧୯ରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ ପାଇଁ କାମ ଆରମ୍ଭ ହୋଇଥିଲା। କିନ୍ତୁ ରାସ୍ତାକାମ ଅଧପନ୍ତରିଆ ଥିବା ବେଳେ ଗତବର୍ଷ ବନ ବିଭାଗ ତାହା ବନ୍ଦ କରିଦେଇଛି। ଫଳରେ ଗ୍ରାମ ଲୋକେ ବହୁ ସମସ୍ୟା ଭୋଗୁଛନ୍ତି। ଶନିବାର ତଇଲ ଗାଁ ନିକଟ ଜଙ୍ଗଲରେ ନିଆଁ ଲାଗିଥିବା ସୂଚନା ପାଇ ଦୁଇ କର୍ମଚାରୀ ପହଞ୍ଚି ନିଆଁ ଲିଭାଇଥିଲେ। ଏହି ସମୟରେ ଗ୍ରାମବାସୀ ସେମାନଙ୍କୁ ଅଟକ ରଖିଥିଲେ। ବନ ବିଭାଗ ଯୋଗୁ ଗ୍ରାମର ରାସ୍ତା ନିର୍ମାଣ ହୋଇପାରିନାହିଁ। ଫଳରେ ଗ୍ରାମବାସୀଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ବିଭାଗର ପଦାଧିକାରୀ ନ ଆସିବା ଯାଏ ଏହି ଦୁଇଜଣଙ୍କୁ ଛାଡ଼ିବୁ ନାହିଁ ବୋଲି ଗ୍ରାମବାସୀ ତଥା ମହିଳା ସଂଘର କର୍ମକର୍ତ୍ତା ଜିଦ୍ ଧରିଥିଲେ। ଏ ସମ୍ପର୍କରେ ଜିଲା ବନଖଣ୍ଡ ଅଧିକାରୀ ସଂଗ୍ରାମ ବେହେରା କହିଥିଲେ ଯେ, ସେହି ରାସ୍ତାଟି ଲଖାରୀ ଅଭୟାରଣ୍ୟ ଅନ୍ତର୍ଗତ। ତେଣୁ ରାସ୍ତା କାମ ବନ୍ଦ କରାଯାଇଛି। ଅପରପକ୍ଷରେ ଆଉ କେତେଜଣ ଅସ୍ଥାୟୀ ବନ କର୍ମଚାରୀଙ୍କୁ ଅଟକ ରହିଥିବା କର୍ମଚାରୀଙ୍କୁ ଉଦ୍ଧାର କରିବା ପାଇଁ ଗ୍ରାମକୁ ପଠାଇଥିଲେ। ସେମାନଙ୍କ କଥା ମହିଳାମାନେ ଶୁଣିଲେ ନାହିଁ। ପରେ ଆର.ଉଦୟଗିରି ତହସିଲଦାର ନାରାୟଣ ବେହେରା ଥାନାଧିକାରୀ ରବୀନ୍ଦ୍ର କୁମାର ପଣ୍ଡା ଓ ତାଙ୍କ ଷ୍ଟାଫ୍ ଏବଂ ସିଆଳିଲଟି ପଞ୍ଚାୟତ ସରପଞ୍ଚଙ୍କୁ ଧରି ଗ୍ରାମରେ ପହଞ୍ଚିଥିଲେ। ରାତ୍ର ୧ଟାରେ ଗ୍ରାମବାସୀଙ୍କୁ ବୁଝାଶୁଝା ପରେ ଅଟକ ଦୁଇ ବନ କର୍ମଚାରୀଙ୍କୁ ଉଦ୍ଧାର କରିଥିଲେ। ତେବେ ବନ୍ଦ ଥିବା ରାସ୍ତା କାମ ପୁନର୍ବାର କରାଯାଉ ବୋଲି ଜିଲାପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାର ନାରାୟଣ ବେହେରାଙ୍କୁ ଗ୍ରାମର ମହିଳାମାନେ ଏକ ଦାବିପତ୍ର ଦେଇଥିଲେ।



ମହିଳାଙ୍କ ଦ୍ୱାରା ଅଟକ ବନ କର୍ମଚାରୀ।

## ସଂକ୍ଷେପରେ

### ଆମ୍ବଗଛରେ ଝୁଲି ଯୁବକଙ୍କ ଆତ୍ମହତ୍ୟା

ବ୍ରହ୍ମପୁର ଅଫିସ,୧୧।୪: ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ଲାଠି-ମୋହଡ଼ା ମଧରେ ଥିବା ଏକ ଆମ୍ବଗଛରେ ଝୁଲି ଜଣେ ଯୁବକ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ପୋଲିସ ପହଞ୍ଚି ମୃତଦେହ ଜବତ କରିଛି। ମୃତ ଜଣଙ୍କ କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ଆଙ୍କୁଶପୁର ପଞ୍ଚାୟତ ରାଇଝୋଳ ଗ୍ରାମର ପ୍ରମୋଦ କୁମାର ଗୌଡ଼(୨୬)। ପ୍ରମୋଦଙ୍କ ବଡ଼ଭାଇ ପିଣ୍ଟୁ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଚିହ୍ନଟ କରିଛନ୍ତି। କୌଣସି ଏକ ପାରିବାରିକ କଳହରୁ ପ୍ରମୋଦ ଏଭଳି ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି। ମୃତଦେହ ଜବତ କରି ପୋଲିସ ନଂ.୨୧/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ପ୍ରକାଶ ଯେ, ପ୍ରମୋଦ ଜଣେ ଅନ୍ୟ ଜାତିର ଝିଅଙ୍କୁ ବିବାହ କରିଥିଲେ। ଏଣୁ ପରିବାର ଲୋକେ ତାଙ୍କୁ ଘରେ ରହିବାକୁ ଅନୁମତି ଦେଇ ନ ଥିଲେ। ସେପଟେ କୁଳ ଲୋକଙ୍କ ବାସନ୍ଦ ଯୋଗୁ ପ୍ରମୋଦ ସ୍ତ୍ରୀ ସହ ବ୍ରହ୍ମପୁର ଆସିଯାଇଥିଲେ। ସେ ଗାଡ଼ି ଚାଳକ ଭାବେ କାମକରି ସେଠାରେ ସ୍ତ୍ରୀଙ୍କ ସହ ରହୁଥିଲେ। ସୋମବାର ପ୍ରମୋଦ ଲାଠି ନିକଟସ୍ଥ ଏକ ଆମ୍ବ ଗଛରେ ଝୁଲି ଆତ୍ମହତ୍ୟା କରିଥିବା ଜଣାପଡ଼ିଥିଲା।

### ଦିବ୍ୟାଙ୍ଗଙ୍କୁ ଟ୍ରାଇ ସାଇକେଲ ବଣ୍ଟନ

ଶେରଗଡ,୧୧।୪(ଡି.ଏନ.ଏ.)-ଶେରଗଡ଼ ବ୍ଲକ ପରିସରରେ ସୋମବାର ଦିବ୍ୟାଙ୍ଗଙ୍କୁ ଟ୍ରାଇ ସାଇକେଲ ବଣ୍ଟନ କରାଯାଇଛି। ଗୋବିନ୍ଦପୁର ପଞ୍ଚାୟତର ପ୍ରତାପ ସ୍ୱାଇଁ, ସୁରେନ୍ଦ୍ର ପ୍ରଧାନ, ବିଦେଶୀ ଜେନାଙ୍କୁ ଏହି ଟ୍ରାଇ ସାଇକେଲ ପ୍ରଦାନ କରାଯାଇଛି। ବ୍ଲକ ଅଧ୍ୟକ୍ଷ କୃଷ୍ଣ ଚନ୍ଦ୍ର ନାୟକ, ବିଡିଓ ଶମ୍ଭୁନାଥ ନନ୍ଦି, ଗୋଷ୍ଠ ସମ୍ବଳ ଶିକ୍ଷକ ମାଗତା ପଣ୍ଡାଙ୍କ ଉପସ୍ଥିତିରେ ଏହି ତିନିଜଣଙ୍କୁ ଦିଆଯାଇଛି।

### ଆଙ୍କୁଲି ଠାକୁରାଣୀ ଯାତ୍ରା ୨୭ରୁ

ବ୍ରହ୍ମପୁର ଅଫିସ,୧୧।୪-ଶିଳ୍ପାଞ୍ଚଳ ଆଙ୍କୁଲିର ଆରାଧ ଦେବୀ ମା' କନକ ଦୁର୍ଗା ଠାକୁରାଣୀ ଯାତ୍ରା ଚଳିତ ମାସ ୨୭ରୁ ଆରମ୍ଭ ହୋଇ ମେ ୧୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ ସୋମବାର ପ୍ରସ୍ତୁତି ବୈଠକ ୪୦ନଂ. ୱାର୍ଡ କର୍ପୋରେଟର ଭାଗୀରଥି ମହାରଣାଙ୍କ ଅଧ୍ୟକ୍ଷତାରେ ହୋଇ ନିଷ୍ପତ୍ତି ନିଆଯାଇଛି। ଯାତ୍ରାର ଶୁଭଖୁଣ୍ଟି ଆସନ୍ତା ୧୭ରେ ବିଧି ପ୍ରକାରେ ସ୍ଥାପନ କରାଯିବ। ସୂଚନାଯୋଗ୍ୟ, ପ୍ରତି ୨ ବର୍ଷରେ ଯାତ୍ରା ହେବାର ପ୍ରାଚୀନ ପରମ୍ପରା ରହିଛି। ତେବେ ମହାମାରୀ କରୋନା ଯୋଗୁ ସରକାରୀ କଟକଣା ପାଇଁ ଗତବର୍ଷ ହୋଇପାରିନଥିଲା। ଏବେ କୋହଳ ହୋଇଥିବାରୁ ଅଞ୍ଚଳବାସୀଙ୍କ ମଧରେ ପ୍ରବଳ ଉତ୍ସାହ ଦେଖାଦେଇଛି। ୧୫ ଦିନିଆ ଯାତ୍ରା ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ କରାଯିବାର ଚୂଡ଼ାନ୍ତ ହୋଇଛି। ବୈଠକର ଆଲୋଚନାରେ ସାମାଜିକ କର୍ମୀ ଏଲ. ସୁଦାମ ଦାସଙ୍କ ସମେତ ଅରୁଣ ପ୍ରଧାନ, ବ୍ରଜମୋହନ ପ୍ରଧାନ, ବିଷ୍ଣୁ ବେହେରା, ପୂର୍ଣ୍ଣଚନ୍ଦ୍ର ନାୟକ ଓ ସୁବୋଧ ଚୌଧୁରୀ ଓ ଅନ୍ୟମାନେ ଭାଗ ନେଇଥିଲେ।

### ସିଟି କଲେଜରେ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର

ବ୍ରହ୍ମପୁର ଅଫିସ, ୧୧।୪- ବ୍ରହ୍ମପୁର ସହର ଉପକଣ୍ଠସ୍ଥ ସିଟି ମହାବିଦ୍ୟାଳୟରେ ସୋମବାର +୨ ପ୍ରଥମ ବର୍ଷ ଛାତ୍ରୀଙ୍କ ନିମନ୍ତେ ଆତ୍ମସୁରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍ଘାଟିତ ହୋଇଯାଇଛି। ଏଥିରେ ଅଧକ୍ଷା ଡ. ଅନିତା କୁମାରୀ ପଣ୍ଡା ଅଧକ୍ଷତା କରିଥିଲେ। ଏନ୍‌ସିସି ଅଫିସର ଲ୍ୟୁଟ୍‌ନାଣ୍ଟ ମେଘନାଦ ପ୍ରଧାନ ସାମ୍ପ୍ରତିକ ପରିସ୍ଥିତିରେ ଆତ୍ମସୁରକ୍ଷା କୌଶଳର ଆବଶ୍ୟକତା ସମ୍ପର୍କରେ ଉଦାହରଣ ମାଧ୍ୟମରେ ଆଲୋକପାତ କରିଥିଲେ। ଆତ୍ମସୁରକ୍ଷା କୌଶଳ ଜାଣିବା ଦ୍ୱାରା ଛାତ୍ରୀମାନେ ଅସାମାଜିକ ବ୍ୟକ୍ତିଙ୍କ କବଳରୁ ନିଜକୁ ଓ ପରିବାର ଏବଂ ସମାଜକୁ ମଧ ରକ୍ଷା କରିପାରିବେ ବୋଲି ମତବ୍ୟକ୍ତ କରିଥିଲେ। ମହାବିଦ୍ୟାଳୟ ଆତ୍ମସୁରକ୍ଷା କୌଶଳର ପୂର୍ବତନ ସଂଯୋଜିକା ଡ. ଅଞ୍ଜଳି ପାତ୍ର ମୁଖ୍ୟବକ୍ତା ଭାବେ ରହିଥିଲେ। ଆତ୍ମସୁରକ୍ଷା ମାଷ୍ଟରଟ୍ରେନର ଲକ୍ଷ୍ମୀପ୍ରିୟା ସାହୁ କାର୍ଯ୍ୟକ୍ରମର ତାଲିମ ବିବରଣୀ ପ୍ରଦାନ କରିଥିଲେ। ଶିବିରକୁ କାର୍ଯ୍ୟକ୍ରମ ସଂଯୋଜିକା ଅଧାପିକା ତଥା ଅର୍ଥନୀତି ବିଭାଗ ମୁଖ୍ୟ ମାଧୁରୀ ପାଢ଼ୀ ପରିଚାଳନା କରିଥିବା ବେଳେ ଡ. ବନ୍ଦିତା ଜେନା ଓ ସୁଶ୍ରୀ ମମତା ଦାସ ସହସଂଯୋଜିକା ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ।

### ରଘୁନାଥଙ୍କ ନଗର ପରିକ୍ରମା

କବିସୂର୍ଯ୍ୟନଗର,୧୧।୪(ଡି.ଏନ.ଏ.)-କବିସୂର୍ଯ୍ୟନଗରର ରଘୁନାଥ ଜୀଉଙ୍କ ନଗର ପରିକ୍ରମା ଉତ୍ସବ ମନ୍ଦିର କମିଟି ପକ୍ଷରୁ ପାଳିତ ହୋଇଯାଇଛି। ଏକ ରଥରେ ପ୍ରଭୁଙ୍କୁ ବସାଇ ବାଜାବାଜଣା ବଜାଇ ବିଭିନ୍ନ ପଟୁଆର ସହ ଦାଣ୍ଡରେ ପରିକ୍ରମା ସହ ଭକ୍ତଙ୍କ ପ୍ରସାଦ ଭୋଗ ଦାଣ୍ଡରେ ବଣ୍ଟାଯାଇଥିଲା।

# କାର୍ଯ୍ୟକ୍ଷମ ହେଲା ପାଟବୁଣା ତାଲିମ କେନ୍ଦ୍ର

ବ୍ରହ୍ମପୁର ଅଫିସ,୧୧।୪


ପାଟବୁଣା କେନ୍ଦ୍ର କାର୍ଯ୍ୟକ୍ଷମ।

ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ସୋମବାର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ ହୋଇଛି। ବ୍ରହ୍ମପୁର ସହରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ପାଇଁ ପ୍ରାୟ ୨ କୋଟି ଟଙ୍କା ବ୍ୟୟରେ ଏହି ପ୍ରକଳ୍ପର ଶୁଭାରମ୍ଭ ହୋଇଛି। ଏଥିରେ ପାଟବୁଣା ତାଲିମ କେନ୍ଦ୍ର ୧ କୋଟି ୮୨ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହୋଇଛି। ଏହି କେନ୍ଦ୍ରରେ ପାଟ ବୁଣିବା ପାଇଁ ୧୦ ଯନ୍ତ୍ର ସ୍ଥାପନ କରାଯାଇଛି। ଏହି କେନ୍ଦ୍ରକୁ ଅତିଥିମାନେ ପରିଦର୍ଶନ କରିବା ସହ ପାଟ କିଣିବା ପାଇଁ ପରାମର୍ଶ ଦେଇଥିଲେ। ସେହିପରି ବିଧାୟକଙ୍କ ହାତପାଣ୍ଠିରୁ ଆମ୍ବୁଲାନ୍ସ ରହିଥିବା ବେଳେ ବିଏମ୍‌ସି ପକ୍ଷରୁ ୩ ଜେଟିଂ ମେଶିନ, ଗୋଟିଏ ସକ୍ସନ ମେଶିନ, ଗୋଟିଏ ଗ୍ରାବିଂ ମେଶିନ ଓ ପୋର୍ଟେବଲ ଫଗିଂ ମେଶିନ ରହିଛି। ଏଥିସହ ଘରକୁ ଘର ବୁଲି ଆବର୍ଜନା ସଂଗ୍ରହ କରିବା ପାଇଁ ୪ଟି ବ୍ୟାଟେରିଚାଳିତ ଗାଡ଼ି ଏବଂ ଗୋଟିଏ ଆବର୍ଜନା ସଂଗ୍ରହ ଗାଡ଼ିର ଶୁଭାରମ୍ଭ ହୋଇଛି। ଉପରୋକ୍ତ ସମସ୍ତ ଯନ୍ତ୍ରପାତି ଓ ଗାଡ଼ିର ମୂଲ୍ୟ ୧ କୋଟି ୯୪ ଲକ୍ଷ ୧୫ ହଜାର ୬୦୬ ଟଙ୍କା ବୋଲି ବିଏମ୍‌ସି ପକ୍ଷରୁ ସୂଚନା ମିଳିଛି।

ସେହିଭଳି ୧୬ ଜଣ ସଫେଇ ମହିଳା କର୍ମଚାରୀଙ୍କୁ ନେଇ ଗଠିତ ସ୍ୱଚ୍ଛତା ବାହିନୀକୁ ସ୍ୱଚ୍ଛତା ଉଦ୍ୟମୀ ଯୋଜନାରେ କମ୍ ସୁଧହାରରେ ଋଣ ପ୍ରଦାନ କରାଯାଇଛି। ସ୍ୱଚ୍ଛତା ବାହିନୀ ଏହି ସରଞ୍ଜାମଗୁଡିକ କିଣିବା ପରେ ୭ ବର୍ଷ ପାଇଁ ବିଏମ୍‌ସିର ବିଭିନ୍ନ ସଫେଇ କାର୍ଯ୍ୟରେ ବ୍ୟବହାର କରିବା ଲାଗି ଚୁକ୍ତିନାମା ହୋଇଛି। ସେହିପରି ବାଲୁଙ୍କେଶ୍ୱର ମନ୍ଦିର ସମ୍ମୁଖରେ ବିଏମ୍‌ସି ପକ୍ଷରୁ ନିର୍ମିତ ପାଟବୁଣା ତାଲିମ ଓ ବିକ୍ରୟ କେନ୍ଦ୍ର ମଧ ଆଜି କାର୍ଯ୍ୟକ୍ଷମ ହୋଇଛି। ଏଥିରେ ମିଶନ ଶକ୍ତିର ପ୍ରାୟ ୨୦ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଦାୟିତ୍ୱ ଦିଆଯାଇଛି। ସୂଚନାଯୋଗ୍ୟ, ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ଇଂ. ବିବେକ ରେଡ୍ଡୀ, ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ସିନ୍ଧେ ଦତ୍ତାତ୍ରୟ ଭାଉ ସାହେବ, ବ୍ରହ୍ମପୁର ଉପଜିଲାପାଳ ଭି. କୀର୍ତ୍ତି ଭାସନ, ବିଏମ୍‌ସି କମିଶନର ସିଦ୍ଧେଶ୍ୱର ବଳିରାମ ବୋନ୍ଦାର, ଅତିରିକ୍ତ କମିଶନର ଆଶୁତୋଷ ସାମଲ, ଡେପୁଟି କମିଶନର ଅଦ୍ୱୈତ କୁମାର ସ୍ୱାଇଁଙ୍କ ସମେତ ବିଭିନ୍ନ ୱାର୍ଡର କର୍ପୋରେଟର ଉପସ୍ଥିତ ଥିଲେ।

ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଗୋଷ୍ଠୀ ସିଇଓ ଗୀତାଞ୍ଜଳି ସାମନ୍ତରାୟ, କନିଷ୍ଠ ସିଇଓ ଜୟଶ୍ରୀ ପାଣିଗ୍ରାହୀଙ୍କ ସମେତ ବିଏମ୍‌ସିର ବହୁ ପଦାଧିକାରୀ ଉପସ୍ଥିତ ଥିଲେ।

## ବଳାତ୍କାର ମାମଲା
## ପ୍ରମାଣ ଅଭାବରୁ ଅଭିଯୁକ୍ତ ନିର୍ଦ୍ଦୋଷ

ବ୍ରହ୍ମପୁର ଅଫିସ,୧୧।୪

ପୋକସ କୋର୍ଟ ଜଜ ଅନୁପ ରଞ୍ଜନ ପଟ୍ଟନାୟକ ସୋମବାର ଏକ ବଳାତ୍କାର ମାମଲାର ଶୁଣାଣି କରିଥିଲେ। ପ୍ରମାଣ ଅଭାବରୁ ସେ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତ ଜଣଙ୍କ ହିଞ୍ଜିଳିକାଟୁ ଥାନା ଅଞ୍ଚଳର ସଞ୍ଜୟ ଦଳାଇ (୨୯)। ପ୍ରକାଶ ଯେ, ୨୦୧୯ ମାର୍ଚ୍ଚ ୨୫ ସନ୍ଧ୍ୟାରେ ଜଣେ ନାବାଳିକା ବଜାରକୁ ସୌଦା ପାଇଁ ଯାଉଥିଲେ। ଉକ୍ତ ଗ୍ରାମର ଜଣେ ଯୁବକ ନାବାଳିକାଙ୍କୁ ଟାଣି ନେଇ ଏକ ଅନ୍ଧାରିଆ ସ୍ଥାନରେ ବଳାତ୍କାର କରିଥିଲା। ପୀଡ଼ିତା ଜଣଙ୍କ ଏନେଇ ତାଙ୍କ ଘରେ ଜଣାଇଥିଲେ। ଏନେଇ ପୀଡ଼ିତାଙ୍କ ମା' ହିଞ୍ଜିଳିକାଟୁ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏସଂକ୍ରାନ୍ତରେ ନଂ.୧୩୧/୧୯ରେ ମାମଲା ରୁଜୁ କରିଥିଲା। ଘଟଣାର ଅନୁସନ୍ଧାନ କରି ଅଭିଯୁକ୍ତ ସଞ୍ଜୟଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ କୋର୍ଟରେ ପୋଲିସ ଚାର୍ଜସିଟ ଦାଖଲ କରିଥିଲା। କିଛି ମାସ ପରେ ସଞ୍ଜୟଙ୍କୁ ଜାମିନ ମିଳିଥିଲା। ୨୦୨୧ ଅକ୍ଟୋବରରେ ଉକ୍ତ ମାମଲାର ବିଚାର ବେଳେ ସଞ୍ଜୟ କୋର୍ଟରେ ହାଜର ହୋଇନଥିଲେ। ଏଣୁ ତାଙ୍କ ବିରୋଧରେ କୋର୍ଟ ଜାମିନ ବିହୀନ ଗିରଫ ପରୱାନା (ଏନବିଡବ୍ଲ୍ୟୁ) ଜାରି କରିଥିଲେ। ପୋଲିସ ଅଭିଯୁକ୍ତଙ୍କୁ ୱାରେଣ୍ଟ ବଳରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଉକ୍ତ ମାମଲାର ବିଚାର ବେଳେ ୧୦ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଉପଯୁକ୍ତ ପ୍ରମାଣ ମିଳିନଥିବାରୁ ଜଜ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ ପ୍ରଦୀପ କୁମାର ଶତପଥୀ ମକଦ୍ଦମା ପରିଚାଳନା କରିଥିଲେ।

# ବିସିସି ବ୍ୟାଙ୍କର ରବି ଫସଲ କୃଷି ଋଣ ୨୩୪ କୋଟି
## ଗଞ୍ଜାମ-ଗଜପତି ଜିଲାର ୬୦୪୨୮ ଚାଷୀ ଉପକୃତ

ବ୍ରହ୍ମପୁର ଅଫିସ,୧୧।୪

ବ୍ରହ୍ମପୁର ସମବାୟ କେନ୍ଦ୍ର (ବିସିସି) ବ୍ୟାଙ୍କ ୨୦୨୧-୨୨ ବର୍ଷରେ ରବି ଫସଲ ପାଇଁ ଗଞ୍ଜାମ ଓ ଗଜପତି ଜିଲାର ୬୦ ହଜାର ୪୨୮ ପଞ୍ଜୀକୃତ ଚାଷୀଙ୍କୁ ୨୩୪ କୋଟି ଟଙ୍କା କୃଷି ଋଣ ଦେଇଛି। ସରକାରୀ ଟାର୍ଗେଟ ଅପେକ୍ଷା ଅଧିକ ୩୪ କୋଟି ଲଗାଣ ହୋଇଛି। ଋଣ ପ୍ରଦାନ ମାର୍ଚ୍ଚ ୩୧ରେ ସରିଛି ଓ ସଫଳତା ହାର ୧୦୯.୧୭% ହୋଇଥିବା କୁହାଯାଇଛି। ଚଳିତ ଏପ୍ରିଲରୁ ୨୦୨୨-୨୩ ବର୍ଷର ଖରିଫ ଫସଲ ନିମନ୍ତେ କୃଷି ଋଣ ଦିଆଯିବାର କାର୍ଯ୍ୟକ୍ରମ ରହିଛି।

ଗତ ଆର୍ଥିକ ବର୍ଷର ରବି ଚାଷ ନିମନ୍ତେ ଗଞ୍ଜାମ ଜିଲାର ୧୩ ବ୍ଲକ ଅନ୍ତର୍ଗତ ୨୦୭ ପ୍ରାଥମିକ କୃଷି ସମବାୟ ସମିତି ମଧ୍ୟରୁ ୨୦୨ ସୋସାଇଟିର ୫୩୦୨୨ ଚାଷୀଙ୍କୁ ୨୦୪ କୋଟି ଋଣ ଦିଆଯାଇଛି। ସେହିପରି ଗଜପତି ଜିଲାର ୪ ଶାଖା ବ୍ୟାଙ୍କ ମାଧ୍ୟମରେ ୫୦ ସୋସାଇଟି ଓ ଲ୍ୟାମ୍ପସ ଦ୍ୱାରା ୭ ହଜାର ୪୦୬ ଚାଷୀଙ୍କୁ ୩୦ କୋଟି ଋଣ ଲଗାଣ କରାଯାଇଛି। ବିସିସି ବ୍ୟାଙ୍କର ଗଞ୍ଜାମ ଜିଲାରେ ଦିଗପହଣ୍ଡି, ଚିକିଟି, ପାତ୍ରପୁର, ବେଗୁନିଆପଡ଼ା, ରଙ୍ଗେଇଲୁଣ୍ଡା, କୁକୁଡ଼ାଖଣ୍ଡି, ସମରଝୋଳ, ହିଞ୍ଜିଳି, ପୁରୁଷୋତ୍ତମପୁର, ଛତ୍ରପୁର, ରମ୍ଭା, ଖଲ୍ଲିକୋଟ ଓ ବିଜିପୁରରେ ୧୩ ଶାଖା ବ୍ୟାଙ୍କ ଅଛି।

ଗଜପତି ଜିଲାର ପାରଳାଖେମୁଣ୍ଡି, କାଶୀନଗର, ଗାରାବନ୍ଧ ଓ ଆର.ଉଦୟଗିରିରେ ଶାଖା ବ୍ୟାଙ୍କ ରହିଛି। ମାଳ ଅଞ୍ଚଳର ଚାଷୀ ଏବଂ ଗ୍ରାହକମାନଙ୍କ ପାଇଁ ଭ୍ରାମ୍ୟମାଣ ବ୍ୟାଙ୍କ ଓ ଏଟିଏମ୍ ସେବା ଯୋଗାଇବାର ବ୍ୟବସ୍ଥା କରାଯାଇଛି। ଶତାଧିକ ବର୍ଷର ଏହି ପୁରାତନ ସମବାୟ ବ୍ୟାଙ୍କ ମୁଖ୍ୟାଳୟ ବ୍ରହ୍ମପୁରରେ ଅଛି। ମୁଖ୍ୟାଳୟ ପରିସରରେ ମହିଳାଙ୍କୁ ସ୍ୱତନ୍ତ୍ର ସେବା ଯୋଗାଇବା ଲାଗି ମହିଳା ସମବାୟ ବ୍ୟାଙ୍କ ପ୍ରତିଷ୍ଠା କରାଯାଇଛି। କେବଳ ମହିଳା କର୍ମଚାରୀଙ୍କ ଦ୍ୱାରା ପରିଚାଳିତ ହେଉଛି।

# ଜିଲା ସ୍କାଉଟ୍ସ ଓ ଗାଇଡ୍ସର ରାଜ୍ୟ ପୁରସ୍କାର ପ୍ରାକ୍ଟିକାଲ୍ ପରୀକ୍ଷା


ଗାଇଡ୍ସ ପରୀକ୍ଷାର୍ଥୀଙ୍କ ସାମୂହିକ ଭାବେ ପରୀକ୍ଷା ପ୍ରସ୍ତୁତି ।

ବ୍ରହ୍ମପୁର ଅଫିସ, ୧୧।୪

ଗଞ୍ଜାମ ଜିଲା ସ୍କାଉଟ୍ସ ଓ ଗାଇଡ୍ସର ରାଜ୍ୟ ପୁରସ୍କାର ପ୍ରାକ୍ଟିକାଲ ପରୀକ୍ଷା ସୋମବାର ହିଲ୍‌ପାଟଣାସ୍ଥିତ ଏକ ଘରୋଇ ଶିକ୍ଷାନୁଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉକ୍ତ ବିଦ୍ୟାଳୟର ସମ୍ପାଦକ କୁମୁଦ ରଞ୍ଜନ ପାଢ଼ୀ ଓ ଅଧ୍ୟକ୍ଷ ଶ୍ରୀ ଦ୍ୱାରିକାନାଥ ପଣ୍ଡା ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ପରୀକ୍ଷାରେ ସହକାରୀ ଜିଲା କମିଶନର ରାମହରି ସାହୁ ପରୀକ୍ଷକ ଭାବେ ଯୋଗଦେଇଥିଲେ। ଜିଲା ସ୍କାଉଟ୍ସ ଓ ଗାଇଡ୍ସ ସମ୍ପାଦକ ଭାଗୀରଥି ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପରୀକ୍ଷାରେ ୧୪୦ ସ୍କାଉଟ୍ ଓ ୭୨ ଜଣ ଗାଇଡ୍ସ ପରୀକ୍ଷାର୍ଥୀ ଯୋଗଦେଇଥିଲେ। ଗାଇଡ୍ କ୍ୟାପଟେନ୍ ଶମ୍ଭୁ ପ୍ରିୟା ରାଉତ, ସୁରେଶ ଚନ୍ଦ୍ର ପାଢ଼ୀ, ଶ୍ରୀନୁ ପାତ୍ର ସହ ପରୀକ୍ଷା ପରିଚାଳନା କରିଥିଲେ। ସ୍କାଉଟ୍ ମାଷ୍ଟର ସୁନୀଲ କୁମାର ଦାସ, ଆର୍ଗନ୍ ପଣ୍ଡା, ସୁଜାତା ବେହେରା, ଅରୁନ୍ଧତୀ ପାଢ଼ୀ ଓ ମଧୁମିତା ହୋତା ପ୍ରମୁଖ ସହଯୋଗ କରିଥିଲେ। ପ୍ରାଥମିକ ଚିକିତ୍ସା, ଷ୍ଟ୍ରକ୍‌ଚର ପ୍ରସ୍ତୁତି ଓ ବିଭିନ୍ନ ପ୍ରକାର କମ୍ପାସ ପ୍ରସ୍ତୁତି ସମ୍ବନ୍ଧୀୟ ପ୍ରାକ୍ଟିକାଲ ପରୀକ୍ଷା ଅନୁଷ୍ଠିତ ହୋଇଥିଲା।

## ଓଏସ୍‌ଆର୍‌ଟିସି ପକ୍ଷରୁ ବ୍ରହ୍ମପୁର-ଗଣିଆ ନୂତନ ବସ୍ ସେବା

ବ୍ରହ୍ମପୁର ଅଫିସ,୧୧।୪

ବ୍ରହ୍ମପୁର ଓଏସ୍‌ଆରଟିସି ପକ୍ଷରୁ ମଙ୍ଗଳବାରଠାରୁ ବ୍ରହ୍ମପୁର-ଗଣିଆ ନୂତନ ବସ୍ ସେବା ଆରମ୍ଭ ହେବ। ଏହି ଡିଲକ୍ସ ବସ୍‌ଟି ପୂର୍ବାହ୍ନ ୫.୨୫ରୁ ବ୍ରହ୍ମପୁର ଭାୟା ଓଡଗାଁ ଓ ସରଣକୁଳ ଦେଇ ୧୧ଟା ୩୬ରେ ଗଣିଆଠାରେ ପହଞ୍ଚିବ ବୋଲି ଓଏସଆରଟିସି କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ସେହିଭଳି ଗଣିଆଠାରୁ ଏହି ବସ୍ ଅପରାହ୍ନ ୨ ଟାରେ ବାହାରି ବ୍ରହ୍ମପୁରରେ ସନ୍ଧ୍ୟା ୮ ଟା ୦୬ ମିନିଟରେ ବ୍ରହ୍ମପୁରରେ ପହଞ୍ଚିବ। ଏ ନେଇ ଅନଲାଇନ ଓ ଅଫଲାଇନ ଟିକେଟ ବୁକିଂ ସୁବିଧା ରହିଥିବା କାର୍ଯ୍ୟାଳୟ ସୂତ୍ରରୁ ସୂଚନା ମିଳିଛି।

# ଶିଶୁ ସାହିତ୍ୟ ବିକାଶ ପରିଷଦର ସ୍ୱନକ୍ଷତ୍ର ଉତ୍ସବ

ବ୍ରହ୍ମପୁର ଅଫିସ୍,୧୧।୪


ଉତ୍ସବରେ ଉପସ୍ଥିତ ଅତିଥି ଓ ପରିଷଦର ସଦସ୍ୟବୃନ୍ଦ ।

ଉତ୍କଳ ଆଶ୍ରମ ସମ୍ମିଳନୀ କକ୍ଷରେ ରବିବାର ଶିଶୁ ସାହିତ୍ୟ ବିକାଶ ପରିଷଦର ଅଷ୍ଟାବିଂଶ ସ୍ୱନକ୍ଷତ୍ର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରିଷଦ ସଭାପତି ହାଡ଼ିବନ୍ଧୁ ମାଳି ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ଅବସରପ୍ରାପ୍ତ ପ୍ରଫେସର ଡ. ବିଷ୍ଣୁଚରଣ ଚୌଧୁରୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ମୁଖ୍ୟ ପ୍ରଫେସର ଡ. ପ୍ରସନ୍ନ କୁମାର ସ୍ୱାଇଁ, ମୁଖ୍ୟବକ୍ତା କଙ୍କୋରଡ଼ା ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ହରିକୃଷ୍ଣ ନାୟକ, ପରିଷଦ କାର୍ଯ୍ୟକାରୀ ସଭାପତି ବିଜୟ ଚନ୍ଦ୍ର ନନ୍ଦ, ସାଧାରଣ ସମ୍ପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ, ସମ୍ପାଦିକା ଡ. ଜୟନ୍ତୀ ରାଣୀ ପଣ୍ଡା ପ୍ରମୁଖ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମୁଖପତ୍ର ସୁନାଅଜା ଓ କବୟିତ୍ରୀ ବିନୋଦିନୀ ନାୟକଙ୍କ କବିତା ସଙ୍କଳନ 'ସୁଧା ନିର୍ଝର' ଲୋକାର୍ପିତ ହୋଇଥିଲା। ସାହିତ୍ୟ ସାଧନା ନିମନ୍ତେ ସାହିତ୍ୟିକ ଡା. ସରୋଜକାନ୍ତ ରଥ ଓ ପ୍ରଜ୍ଞା ବିଶ୍ୱେଷୀ ପାଢ଼ୀଙ୍କୁ ସମ୍ମାନିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପରିଷଦ କୋଷାଧ୍ୟକ୍ଷ ନିତ୍ୟାନନ୍ଦ ପାଢ଼ୀ, ସଂଗଠନ ସମ୍ପାଦକ ସୁଦାମ ପାଣିଗ୍ରାହୀଙ୍କ ସମେତ ଡ. ସନ୍ତୋଷ କୁମାର ବକ୍ସି, ପ୍ରାଧ୍ୟାପକ ଲକ୍ଷ୍ମୀନାରାୟଣ ପଣ୍ଡା, ଡ. ପ୍ରମୋଦିନୀ ହୋତା, ସୁଧାଞ୍ଜଳି ମିଶ୍ର, ତ୍ରିନାଥ ନାୟକ ଓ ସୁବାସ ଚନ୍ଦ୍ର ନାୟକ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଜାତୀୟ ସୁରକ୍ଷିତ ମାତୃ ଦିବସ ପାଳିତ


କାର୍ଯ୍ୟକ୍ରମରେ ଉପସ୍ଥିତ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀବୃନ୍ଦ ।

ବ୍ରହ୍ମପୁର ଅଫିସ,୧୧।୪

ପ୍ରତିବର୍ଷ ଏପ୍ରିଲ୍ ୧୧ରେ ସାରା ଭାରତରେ ଜାତୀୟ ସୁରକ୍ଷିତ ମାତୃ ଦିବସ ପାଳିତ ହୋଇଥାଏ। ଏହି ଅବସରରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଭଞ୍ଜବିହାର ପରିସରରେ ଥିବା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ପକ୍ଷରୁ ସୋମବାର ଜାତୀୟ ସୁରକ୍ଷିତ ମାତୃ ଦିବସ ପାଳିତ ହୋଇଯାଇଛି। ଏଥିରେ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ରୁଚି ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ସ୍ୱାସ୍ଥ୍ୟ କେନ୍ଦ୍ର ଆୟୁଷ ଡାକ୍ତର ଡା. କୃଷ୍ଣଶରଣ ପାଳ ଉପସ୍ଥିତ ଥିଲେ। ସ୍ଥାନୀୟ ଅଞ୍ଚଳର ମହିଳାଙ୍କ ଉପସ୍ଥିତିରେ ଏହି ଦିବସ ପାଳନ କରାଯାଇଥିଲା। ଡାକ୍ତର ମହାପାତ୍ର ଗର୍ଭବତୀ ଓ ସ୍ତନ୍ୟପାନ କରାଉଥିବା ମହିଳାଙ୍କ ଉପଯୁକ୍ତ ଯତ୍ନ ତଥା ସେମାନଙ୍କ ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟସେବା ଉପରେ ଆଲୋକପାତ କରିଥିଲେ।

## କମାଣ୍ଡରରୁ ପଡ଼ି ଯୁବକ ମୃତ

ଆର.ଉଦୟଗିରି,୧୧।୪(ଡି.ଏନ.ଏ.)-ଆର.ଉଦୟଗିରି ଥାନା ସାପ୍ତାହିକ ହାଟରୁ ଅଞ୍ଜେଇକୁଣ ଗ୍ରାମର ସୁଶାନ୍ତ ମଣ୍ଡଳ ସୋମବାର ଏକ କମାଣ୍ଡର ଗାଡ଼ି (ନଂ ଓଡି୦୭ଏଫ୮୩୧୦) ଉପରେ ବସି ଗ୍ରାମକୁ ଫେରୁଥିବା ସମୟରେ ସ୍ଥାନୀୟ ମହେନ୍ଦ୍ରତନୟା ମହାବିଦ୍ୟାଳୟ ନିକଟସ୍ଥ ଗଡ଼ାଣିଆ ରାସ୍ତାରେ ଗାଡ଼ିରୁ ପଡ଼ିଯାଇଥିଲେ। ସେହି ସମୟରେ ଆର.ଉଦୟଗିରି ପୋଲିସ ଯାଉଥିବା ବେଳେ ଆହତ ସୁଶାନ୍ତଙ୍କୁ ଉଦ୍ଧାର କରି ଆର.ଉଦୟଗିରି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ସୁଶାନ୍ତଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଆର.ଉଦୟଗିରି ଥାନାରେ ନଂ .୫୦/୨୨ରେ ମାମଲା ରୁଜୁ କରି ବ୍ୟବଚ୍ଛେଦ ନିମନ୍ତେ ପୋଲିସ ପାରଳାଖେମୁଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଏସ୍‌ଆଇ ରାମକୃଷ୍ଣ ପାଣିଗ୍ରାହୀ ଏହାର ତଦନ୍ତ କରୁଛନ୍ତି।

# ଆଇଜିଙ୍କୁ ଭେଟିଲା ମଲ୍‌ଟି ଏକ୍ସିଲ ଟ୍ରକ୍ ମାଲିକ ସଂଘ

ବ୍ରହ୍ମପୁର ଅଫିସ,୧୧।୪

ମାଲ ପରିବହନକୁ କେନ୍ଦ୍ରକରି ଗଞ୍ଜାମ ଜିଲାର ଦୁଇ ଟ୍ରକ ମାଲିକ ସଂଘ ମଧ୍ୟରେ ଲାଗି ରହିଥିବା ବିବାଦ ଦିନକୁ ଦିନ ଜଟିଳ ହେବାରେ ଲାଗିଛି। ଗଞ୍ଜାମ ଟ୍ରକ ମାଲିକ ସଂଘ କର୍ମକର୍ତ୍ତାମାନେ ମଲଟି ଏକ୍ସିଲ ଟ୍ରକ ମାଲିକ ସଂଘ କର୍ମକର୍ତ୍ତାଙ୍କୁ ମାରଣାନ୍ତକ ଆକ୍ରମଣ କରିବା ନେଇ ଦୁଇଟି ଥାନାରେ ପୃଥକ ଭାବେ ୩ଟି ମାମଲା ରୁଜୁ ହୋଇଥିବା ବେଳେ ପୋଲିସ ୫ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏହାପରେ ମଧ ବିବାଦ ଥମିବା ବଦଳରେ ବଢିବାରେ ଲାଗିଛି। ଦୁଇ ଦିନ ତଳେ ଗଞ୍ଜାମ ଟ୍ରକ ମାଲିକ ସଂଘ କର୍ମକର୍ତ୍ତା ଦକ୍ଷିଣାଞ୍ଚଳ ଆଇଜି ସତ୍ୟବ୍ରତ ଭୋଇଙ୍କୁ ଭେଟି ଅଭିଯୋଗ କରିଥିଲେ। ସୋମବାର ମଲଟି ଏକ୍ସିଲ ସଂଘ କର୍ମକର୍ତ୍ତା ଆଇଜି ଭୋଇଙ୍କୁ ଭେଟି ପାଲଟା ଅଭିଯୋଗ କରିଛନ୍ତି। କେଉଁ କାରଣ ପାଇଁ ଏହି ବିବାଦ ଉପୁଜିଛି ଓ ତାର ସାମାଧାନ ପନ୍ଥା କ'ଣ ହେବ ସେ ନେଇ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଆଇଜି କହିଥିଲେ। ସୂଚନାଯୋଗ୍ୟ, ସୋରଳ ରୋଡ ସ୍ଥିତ ଡିପୋରୁ ଏକ ନିର୍ଦ୍ଦିଷ୍ଟ ସଂସ୍ଥାରୁ ମାଲ ପରିବହନ କରିବାକୁ ନେଇ ଦୁଇ ସଂଘ ମଧ୍ୟରେ ବିବାଦ ଦେଖାଦେଇଥିଲା। ଗଞ୍ଜାମ ଟ୍ରକ ମାଲିକ ସଂଘ ସଦସ୍ୟମାନେ ମଲ୍ଟି ଏକ୍ସିଲ ଟ୍ରକ ମାଲିକ ସଂଘ ସମ୍ପାଦକ ଓ କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ନେଇ ଗତ ୪ ତାରିଖରେ ଗୋଳନ୍ଥରା ଥାନାରେ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପୋଲିସ ଗଞ୍ଜାମ ଟ୍ରକ ମାଲିକ ସଂଘର ୫ କର୍ମକର୍ତ୍ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

# ସ୍ୱତନ୍ତ୍ର ଆବାସ ଗୃହରେ ଦକ୍ଷତା ବିକାଶ ତାଲିମ କେନ୍ଦ୍ର ଉଦ୍‌ଘାଟିତ

ବ୍ରହ୍ମପୁର ଅଫିସ,୧୧।୪

ମହିଳା ଓ ଶିଶୁ ବିକାଶ ବିଭାଗ ଅଧୀନରେ ପରିଚାଳିତ ବ୍ରହ୍ମପୁର ସ୍ୱତନ୍ତ୍ର ପର୍ଯ୍ୟବେକ୍ଷଣ ଆବାସ ପରିସରରେ ରହିଛି ଏକ ଦକ୍ଷତା ବିକାଶ କେନ୍ଦ୍ର। ଏହି କେନ୍ଦ୍ର ମାଧ୍ୟମରେ ସ୍ୱତନ୍ତ୍ର ଆବାସ ଭିତରେ ରହୁଥିବା ଅନ୍ତେବାସୀଙ୍କୁ ଆତ୍ମନିର୍ଭରଶୀଳ ହେବାକୁ ତାଲିମ ଦିଆଯିବ। ଏକ ଘରୋଇ ବ୍ୟାଙ୍କ ପକ୍ଷରୁ ଜିଲା ପ୍ରଶାସନ ସହଯୋଗରେ ଏହି କେନ୍ଦ୍ର କାର୍ଯ୍ୟ କରିବ। ସୋମବାର ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ସିନ୍ଧେ ଦତ୍ତାତ୍ରେୟ ଭଉସାହେବ, ବିଏମ୍‌ସି କମିଶନର ଡା. ସିଦ୍ଧେଶ୍ୱର ବଳିରାମ ବୋନ୍ଦାର, ଉପଜିଲାପାଳ ଭି. କୀର୍ତ୍ତିଭାସନ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁବୋଧ ଷଡ଼ଙ୍ଗୀ, ସିଡିପିଓ ବିଜୟଲକ୍ଷ୍ମୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରକାଶ ଯେ, ବିଭିନ୍ନ ଅପରାଧ କରିଥିବା ୧୮ ବର୍ଷରୁ କମ୍ ବୟସର ନାବାଳକଙ୍କୁ ଏହି ପର୍ଯ୍ୟବେକ୍ଷଣ ଆବାସରେ ରଖାଯାଉଛି। ଗଞ୍ଜାମ, ଗଜପତି, ପୁରୀ, ଖୋର୍ଦ୍ଧା, କୋରାପୁଟ ଓ କନ୍ଧମାଳ ଭଳି ଜିଲାର ଶତାଧିକ ନାବାଳକ ବର୍ତ୍ତମାନ ଏଠାରେ ରହୁଛନ୍ତି। ଏଠାକାର ଅନ୍ତେବାସୀଙ୍କ ଆଗ୍ରହ ଅନୁସାରେ ସେମାନଙ୍କୁ ମୋବାଇଲ ମରାମତି, ଫ୍ରିଜ୍, କୁଲର ଓ ଅନ୍ୟାନ୍ୟ ବୈଦ୍ୟୁତିକ ସାମଗ୍ରୀ ମରାମତି ପାଇଁ ପ୍ରଶିକ୍ଷଣ ସହ ମାନପତ୍ର ଦିଆଯିବ। ଯାହାଦ୍ୱାରା ଅନ୍ତେବାସୀମାନେ ଏଠାରୁ ମୁକୁଳିବା ପରେ ସ୍ୱାବଲମ୍ବୀ ହେବା ସହ ଅପରାଧ ଦୁନିଆରୁ ଦୂରେଇ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇପାରିବେ ବୋଲି କୁହାଯାଇଛି।

# ମିଶନ ଶକ୍ତି ଡାଏରୀ ଉଦ୍‌ଘାଟିତ


ଜିଲା ପ୍ରଶାସନ ପକ୍ଷରୁ ମିଶନ ଶକ୍ତି ଡାଏରୀ ଉଦ୍‌ଘାଟିତ ।

ବ୍ରହ୍ମପୁର ଅଫିସ,୧୧।୪

ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ସୋମବାର ରାମଲିଙ୍ଗେଶ୍ୱର ପ୍ରମୋଦ ଉଦ୍ୟାନଠାରେ ମିଶନ ଶକ୍ତି ଜରିଆରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ ମିଶନ ଶକ୍ତି ଡାଏରୀ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଏଠାରେ କ୍ଷୀର ସମେତ ମିଠା, ଦହି, ସାଧାରଣ ଦହି, ପନିର, ଗୁଣ୍ଡ ଛେନା ଓ ଲସି ଆଦି ବିକ୍ରୟ ହେବ। ଏଥିରେ ୪ଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟମାନେ ନିୟୋଜିତ ହୋଇଛନ୍ତି। ଏଥିପାଇଁ ପଞ୍ଚାୟତ ମହାସଂଘ ପକ୍ଷରୁ ୧ ଲକ୍ଷ ଟଙ୍କାର ଆର୍ଥିକ ସହଯୋଗ ମିଳିଥିବା ବିପିଏମ୍ ଓଏଲଏମ୍ ମାନିନୀ ଜେନା କହିଛନ୍ତି। ଆଗାମୀ ଦିନରେ ଛତ୍ରପୁର, ବ୍ରହ୍ମପୁର ସହରର ଖୋଡାସିଙ୍ଗି ଓ ମେଡିକାଲ ଛକଠାରେ ୟୁନିଟ ଖୋଲାଯିବା ନେଇ ପ୍ରଶାସନ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ସିନ୍ଧେ ଦାତ୍ତାତ୍ରୟ ଭାଉ ସାହେବ, ବିଏମ୍‌ସି କମିଶନର ସିଦ୍ଧେଶ୍ୱର ବଳିରାମ ବୋନ୍ଦାର, ବ୍ରହ୍ମପୁର ଉପଜିଲାପାଳ ଭି.କୀର୍ତ୍ତି ଭାସନ, ଛତ୍ରପୁର ବିଡିଓ ସାରଦା ପ୍ରସନ୍ନ ପଣ୍ଡା, ଓରମାସର ଡେପୁଟି ଡାଇରେକ୍ଟର ଜ୍ୟୋତି ପ୍ରକାଶ ମହାନ୍ତି ଓ ମିଶନ ଶକ୍ତି ବିପିସି ସନାତନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଖେମୁଣ୍ଡି ଓକିଲ ସଂଘ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ

ଦିଗପହଣ୍ଡି,୧୧।୪(ଡି.ଏନ.ଏ.)

ଦିଗପହଣ୍ଡି ସ୍ଥିତ ଖେମୁଣ୍ଡି ଓକିଲ ସଂଘର ନବନିର୍ବାଚିତ କର୍ମକର୍ତ୍ତାଗଣ ପଦ ଓ ଗୋପନୀୟତାର ଶପଥ ନେଇ ନିଜନିଜ ଦାୟିତ୍ୱ ବିଧିବଦ୍ଧ ଭାବେ ଗ୍ରହଣ କରିଛନ୍ତି। ସୋମବାର ଓକିଲ ସଂଘର ଅନୁଷ୍ଠିତ ସ୍ୱତନ୍ତ୍ର ବୈଠକରେ ଅଧ୍ୟକ୍ଷତା କରୁଥିବା ବରିଷ୍ଠ ଆଇନଜୀବୀ ଚନ୍ଦ୍ରଧ୍ୱଜ ସିଂହ ନବନିର୍ବାଚିତ ସଭାପତି ଏ.ସୋମେଶ୍ୱର ରାଓ, ଉପସଭାପତି ସଞ୍ଜୟ କୁମାର ପଣ୍ଡା, ସମ୍ପାଦକ ପ୍ରହ୍ଲାଦ କୁମାର ପ୍ରଧାନ, ସହସମ୍ପାଦକ ସୀମାଞ୍ଚଳ ପ୍ରଧାନ ଏବଂ କୋଷାଧ୍ୟକ୍ଷ ରଞ୍ଜନ କୁମାର ବେହେରାଙ୍କୁ ଶପଥ ପାଠ କରାଇଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ରବୀନ୍ଦ୍ର ନାଥ ପାଣିଗ୍ରାହୀ, ରସାନନ୍ଦ ରାଉତ, ଲକ୍ଷ୍ମୀ ନାରାୟଣ ପାଢ଼ୀ, ହେମନ୍ତ କୁମାର ପାଣିଗ୍ରାହୀ, ନୀଳମାଧବ ରଥ, ପରେଶ ଚନ୍ଦ୍ର ରଥ, ସୁକାନ୍ତ କୁମାର ପ୍ରଧାନ, ରାଜେନ୍ଦ୍ର କୁମାର ତ୍ରିପାଠୀଙ୍କ ସମେତ ହରପ୍ରସାଦ ରଥ ପ୍ରମୁଖ ଆଇନଜୀବୀ ଉପସ୍ଥିତ ଥିଲେ।